# ଆଦିବାସୀ ମେଳା-୨୦୧୭

## ସପ୍ତମ ସନ୍ଧ୍ୟା – ମେଳାରେ ଆଦିବାସୀ କଳା ଓ କଳାବସ୍ତୁର ଚାହିଦା

ଓଡ଼ିଶା ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳ । ଏଠାରେ ୬୨ ପ୍ରକାର ଅନୁସୂଚିତ ଜନଜାତି ଓ ୧୩ ପ୍ରକାର ପ୍ରାଚୀନ ଜନଜାତି ଗୋଷ୍ଠୀ ବସବାସ କରନ୍ତି । ଏମାନଙ୍କର କଳା ଜ୍ଞାନ ବେଶ୍ ତୀକ୍ଷ୍ଣ । ସ୍ଥାନୀୟ ଉପାଦାକୁ ବ୍ୟବହାର କରି ସୁନ୍ଦର କଳା ବସ୍ତୁ ନିର୍ମାଣରେ ଏମାନେ ନିପୁଣ । ଖାଲି କଳା ପାଇଁ କଳା ନୁହେଁ, ସେଇ କଳା ଭିତରେ ଫୁଟି ଉଠେ ସେମାନଙ୍କ ଜୀବନ ରହସ୍ୟ ସଂସ୍କୃତିର ବୈଭବ ସେହି ବୈଭବମୟ ମକାବସ୍ତୁ ଆଜି ବିଶ୍ୱବିଦୀତ । ଆଦିବାସୀ ମେଳାରେ ଏହି  କଳା ଓ କଳାବସ୍ତୁର ପ୍ରଦର୍ଶନ ନିମନ୍ତେ ସ୍ୱତନ୍ତ୍ର ଭାବରେ କଳା ବସ୍ତୁର ବିପଣୀ ଖୋଲିଛି । ଢୋକରା ଶିଳ୍ପ କଳାପ୍ରତି ଗ୍ରାହକମାନଙ୍କର ଅଧିକ ଆକର୍ଷଣ ପରିଲକ୍ଷିତ ହେଉଛି । ବହୁବିଧ ଢୋକରା ସାମଗ୍ରୀ କିଣୁଛନ୍ତି । ଆଦିବାସୀଙ୍କ ମତରେ ଏହି ଢୋକରା ସମୃଦ୍ଧିର ପ୍ରତୀକ ଅପଦୃଷ୍ଟି ବିନାଶକ । ତେଣୁ ବାହାଘରବେଳେ ବାପା ମା ଝିଅକୁ ଶାଶୁଘରକୁ ପଠାଇବାବେଳେ ଢୋକରା ସାମଗ୍ରୀ ଉପହାର ଦେଇଥାନ୍ତି । ଆଜି ଏହି ଢୋକରା କେବଳ ଆଦିବାସୀଙ୍କ ପାଖରେ ନୁହେଁ ଅଣ-ଆଦିବାସୀଙ୍କ ଗୃହ ସାନ ସାମଗ୍ରୀ ହିସାବରେ ଆଦର ସାଉଁଟିବାରେ ଲାଗିଛି ।

ଛତିଶଗଡ଼ରୁ ଆସିଥିବା ଲୌହ ଶିଳ୍ପ ଷ୍ଟଲରେ ଲୌହ ନିର୍ମିତ ସୂର୍ଯ୍ୟମୁଖା ଯୋଡ଼ା ଲାମନ, ସୁପାଲି ଦିଆ, ଫୁଲ୍ ପେନାଲ୍, ଲୌହ ନାଆ, ଚିଡ଼ିଆ ଘଣ୍ଟି ଆଦି ମିଳୁଛି । ଏହା ବ୍ୟତୀତ ଲୁହାତିଆରି ଶନିମୁଖା ମଧ୍ୟ ମିଳୁଛି । ବିଶିଷ୍ଟ ଲୌହଶିଳ୍ପୀ ଜୟଲାଲ ବାଗେଲଓ ସାବିତ୍ରୀ ବାଗେଲ କୁହନ୍ତି, ଘରେ ଦ୍ୱାର ନିକଟରେ ଶନିମୁଖା ଟଙ୍ଗାଇଲେ ଶନିଦେବତାଙ୍କ କୋପ ଦୃଷ୍ଟି ରୁହେନାହିଁ । ଶନିଦଶା ଦୂର ହୁଏ । ଦୂରାରୋଗ୍ୟ ବ୍ୟାଧିରେ କେହି ପୀଡ଼ିତ ହୁଅନ୍ତି ନାହିଁ । ଏହା ସହିତ ଘରେ ସୁଖ-ଶାନ୍ତି ବିରାଜମାନ କରେ । ଲୁହା ସହିତ ଶନିଙ୍କ ସଂପର୍କ କେଉଁ ପ୍ରାଚୀନକାଳରୁ ତେଣୁ ମେଳାରେ ଏହାର ଚାହିଦା ଖୁବ୍ ବେଶି ରହିଛି । ଦର୍ଶକମାନଙ୍କ ନିମନ୍ତେ ମେଳା ପରିସର ପ୍ରତ୍ୟହ ଦିବା ୨ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଖୋଲାଯାଉଛି । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଉଛି । ଏହି ମେଳା ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ଚାଲିବ ।